## ଜିଲ୍ଲାପାଳଙ୍କକାର୍ଯ୍ୟାଳୟ, ମାଲକାନଗିରି ,
### (ଜରୁରୀକାଳୀନଶାଖା)

ବିଜ୍ଞାପନପତ୍ରସଂଖ୍ୟା:- ୨୬୩ ତା- ୦୨ · ୦୮ · ୨୦୨୩

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତିନିମନ୍ତେ ଜଣାଇଦିଆଯାଉଅଛିଯେ, ମାଲକାନଗିରି ଜିଲ୍ଲାରେ ୨୦୨୩ ମସିହାରେ ବନ୍ୟାସମୟରେ ସାହାଯ୍ୟ ଓ ଉଦ୍ଧାର କାର୍ଯ୍ୟପାଇଁ ୨ (ଦୁଇ) ଗୋଟି ଅସ୍ଥାୟୀ ଲଞ୍ଚ ଡ୍ରାଇଭର ଓ ୨ (ଦୁଇ) ଗୋଟି ଅସ୍ଥାୟୀ ଲଞ୍ଚ ଖଲାସୀ ସ୍ଥାନ ପୂରଣ ପାଇଁ ନିଯୁକ୍ତି ପ୍ରକ୍ରିୟା ଅନୁଷ୍ଠିତ କରାହେବ ଓ ଏହି ନିଯୁକ୍ତି ସମ୍ପୂର୍ଣ୍ଣ ଅସ୍ଥାୟୀ ଅଟେ ଏବଂ ନିଯୁକ୍ତି ଦିନଠାରୁ ୩୦.୧୧.୨୦୨୩ ପର୍ଯ୍ୟନ୍ତ ବୈଧଅଟେ। ନିଯୁକ୍ତି ନିମନ୍ତେ ଚୟନିତ ପ୍ରାର୍ଥୀଙ୍କୁ ଯଥାକ୍ରମେ ଅସ୍ଥାୟୀ ଲଞ୍ଚଡ୍ରାଇଭର ପାଇଁଟ.୧୧,୧୦୦/(ଏଗାର ହଜାର ଏକଶହ) ଓ ଅସ୍ଥାୟୀ ବୋଟ ଖଲାସୀଙ୍କ ପାଇଁ ଟ.୧୦,୧୦୦/(ଦଶହଜାର ଏକଶହ)ଟଙ୍କା ସର୍ବମୋଟ ମାସିକ ପାରିଶ୍ରମିକ ଭାବେ ପ୍ରଦାନ କରାଯିବ। ଉକ୍ତ ପଦବୀମାନଙ୍କରେ ନିଯୁକ୍ତ ବ୍ୟକ୍ତିଙ୍କୁ ଉପରୋକ୍ତପାରିଶ୍ରମିକ ବ୍ୟତୀତ ମହଙ୍ଗାଭତ୍ତା କିମ୍ବା ଅନ୍ୟ କୌଣସି ଭତ୍ତାଦିଆଯିବ ନାହିଁ।

**(କ) <u>ଅସ୍ଥାୟୀଲଞ୍ଚଡ୍ରାଇଭରଙ୍କ ପାଇଁ ଅବଶ୍ୟକୀୟ ଯୋଗ୍ୟତା</u> ।**

୧ )ପ୍ରାର୍ଥୀ ସପ୍ତମ ଶ୍ରେଣୀ ପାସ କରିଥିବେ ।

୨ )ପ୍ରାର୍ଥୀଙ୍କ ବୟସ ତା **୦୧-୦୭-୨୦୨୩** ରିଖ ସୁଦ୍ଧା୧୮ **ବର୍ଷରୁ ୫୫ ବର୍ଷ** ମଧ୍ୟରେ ହୋଇଥିବ ।

୩) ପ୍ରାର୍ଥୀଙ୍କ ଅନ୍ୟୁନଦ୍ୱିତୀୟ ଶ୍ରେଣୀ ଲଞ୍ଚଡ୍ରାଇଭିଙ୍ଗ ପ୍ରମାଣପତ୍ର ଥିବା ଆବଶ୍ୟକଏବଂ ଉକ୍ତ ପ୍ରମାଣପତ୍ର ତାହା ନିର୍ଦ୍ଦିଷ୍ଟ କର୍ତ୍ତୃପକ୍ଷଙ୍କ ଠାରୁ ପ୍ରାପ୍ତ ହୋଇଥିବା ଆବଶ୍ୟକ ।

୪)ପ୍ରାର୍ଥୀଙ୍କ ବୋଟ ଡ୍ରାଇଭିଂ ଲାଇସେନ୍ସ ବୋଟ ସର୍ଭେୟରଙ୍କ ଦ୍ୱାରା ପଞ୍ଜିକୃତ ହୋଇଥିବା ଆବଶ୍ୟକ ।

୫)ଅସ୍ଥାୟୀ ଲଞ୍ଚଡ୍ରାଇଭର ପଦବୀ ପାଇଁ ଅଣାୟୀ ପ୍ରାର୍ଥୀମାନଙ୍କ ପାଇଁ ଷ୍ଟେଟପୋର୍ଟଇଞ୍ଜିନିୟର କିମ୍ବା ତାଙ୍କ ଦ୍ୱାରା ପ୍ରାଧିକୃତପ୍ରତିନିଧିଙ୍କଦ୍ୱାରା ବୈଷୟିକ ପରୀକ୍ଷାକରାଯିବ ଏବଂ ଉକ୍ତ ବୈଷୟିକପରୀକ୍ଷାରେ କୃତକାର୍ଯ୍ୟ ପ୍ରାର୍ଥୀମାନେ ହିଁ ଅସ୍ଥାୟୀ ଲଞ୍ଚଡ୍ରାଇଭର ନିଯୁକ୍ତି ପାଇଁ ଯୋଗ୍ୟ ବିବେଚିତ ହେବେ।

**(ଖ) <u>ଅସ୍ଥାୟୀଲଞ୍ଚ ଖଲାସୀଙ୍କ ପାଇଁ ଅବଶ୍ୟକୀୟ ଯୋଗ୍ୟତା</u> ।**

୧ )ପ୍ରାର୍ଥୀ ସପ୍ତମ ଶ୍ରେଣୀ ପାସ କରିଥିବେ ।

୨ )ପ୍ରାର୍ଥୀଙ୍କ ବୟସ ତା **୦୧-୦୭-୨୦୨୩**ରିଖ ସୁଦ୍ଧା୧୮ **ବର୍ଷରୁ ୫୫ ବର୍ଷ** ମଧ୍ୟରେ ହୋଇଥିବ ।

୩ )ନୂତନ ଭାବେ ଆବେଦନ କରୁଥିବାପ୍ରାର୍ଥୀଙ୍କର ଅନ୍ୟୁନ Crew Training ପ୍ରମାଣ ପତ୍ର Crew Training Institute ରୁ ପ୍ରାପ୍ତ ହୋଇଥିବା ଆବଶ୍ୟକ ।

**(ଗ)୧)** ଆବେଦନ କରିଥିବା ପଦବୀରେ (ଉଭୟ ଅସ୍ଥାୟୀ ଲଞ୍ଚଡ୍ରାଇଭରଓ ଅସ୍ଥାୟୀ ଖଲାସୀ) ଷ୍ଟେଟପୋର୍ଟ ଇଞ୍ଜିନିୟରିଂ ସଂସ୍ଥାରେ ପୂର୍ବରୁ କାର୍ଯ୍ୟକରିଥିବା ଅଭିଜ୍ଞତାସଂପନ୍ନପ୍ରାର୍ଥୀମାନଙ୍କୁ ଚୟନରେ ପ୍ରାଧାନ୍ୟ ଦିଆଯିବ।ଏଥିପାଇଁ ପୂର୍ବରୁ କାର୍ଯ୍ୟ ଅଭିଜ୍ଞତାଥିବା ସମସ୍ତଆ ବେଦନକାରୀ, ଆବେଦନପତ୍ର ସହିତ ପୂର୍ବନିଯୁକ୍ତିପତ୍ର /ଆଦେଶସଂଲଗ୍ନ କରିବେ।

୨) ସମସ୍ତ ପ୍ରାର୍ଥୀ ୨୦(କୋଡ଼ିଏ) ମିନିଟରେ ନଦୀରେ/କେନାଲରେ କିମ୍ବା ଯେକୌଣସି ଜଳଭଣ୍ଡାରେ ୨୦୦ମିଟର ପର୍ଯ୍ୟନ୍ତ ପହଁରିବାର ଦକ୍ଷତା ଥିବା ଅବଶ୍ୟକ। ଏଥିନିମନ୍ତେ ପ୍ରାର୍ଥୀ ଅବେଦନପତ୍ର ସହିତ ଏକ ଘୋଷଣାନାମା ଦେବେ,ଯେଉଁଥିରେ ଉଲ୍ଲେଖକରିବେ ଯେସେମାନେ ୨୦ମିନିଟ ଲଗାତର ନଦୀରେ/କେନାଲରେ କିମ୍ବା ଯେକୌଣସି ଜଳ ଭଣ୍ଡାରେ ୨୦୦ମିଟର ପର୍ଯ୍ୟନ୍ତ ସନ୍ତରଣ କରି ପାରିବେଏବଂକୌଣସି ଦୁର୍ଘଟଣା ହେଲେ ସେଥିପାଇଁ ନିଜେଦାୟୀରହିବେ।ଏଥି ନିମନ୍ତେସରକାରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୩)ଷ୍ଟେଟପୋର୍ଟ ଇଞ୍ଜିନିୟର କିମ୍ବା ତାଙ୍କ ଦ୍ୱାରା ପ୍ରାଧିକୃତ ପ୍ରତିନିଧିଙ୍କ ଦ୍ୱାରା,ସନ୍ତରଣ ପରୀକ୍ଷା କରାଯିବ,ଏବଂଉକ୍ତ ସନ୍ତରଣ ପରୀକ୍ଷାରେ କୃତକାର୍ଯ୍ୟ ପ୍ରାର୍ଥୀମା ନେହିଁ ଅସ୍ଥାୟୀଲଞ୍ଚ ଡ୍ରାଇଭରଏବଂଅସ୍ଥାୟୀ ଲଞ୍ଚଖଲାସୀ ନିଯୁକ୍ତି ପାଇଁ ଯୋଗ୍ୟ ବିବେଚିତ ହେବେ।

୪) ନିଯୁକ୍ତି ନିମନ୍ତେ ଚୟନ ହୋଇଥିବା ସମସ୍ତପ୍ରାର୍ଥୀ ପଦବୀରେ ଯୋଗଦାନ କରିବା ପୂର୍ବରୁ ସରକାରୀ ଡାକ୍ତରଙ୍କ ଠାରୁ ସୁସ୍ଥତା ପ୍ରମାଣପତ୍ର ଦାଖଲ କରିବେ। ପଦବୀରେ ଯୋଗଦାନ କରିବା ପୂର୍ବରୁ ଯେକୌଣସି ସମୟରେ ଯଦି ଚୟନିତ ପ୍ରାର୍ଥୀ ସୁସ୍ଥତା ପ୍ରମାଣ ପତ୍ରଦାଖଲ କରିବା ପାଇଁ ବିଫଳ ହେବେ,ତେବେସେମାନଙ୍କର ନିଯୁକ୍ତି ନାକଚ କରାଯିବ।

୫) ଏହି ନିଯୁକ୍ତି ପ୍ରକ୍ରିୟା ପାଇଁ ଆବେଦନ କରିଥିବା ପ୍ରାର୍ଥୀ ବିଜ୍ଞାପନ ମୁତାବକ ଆବଶ୍ୟକୀୟ ପ୍ରମାଣପତ୍ର ସେମାନଙ୍କର ଦରଖାସ୍ତ ସହିତ ସଂଲଗ୍ନ କରିନଥିବେ ତେବେ ସେମାନଙ୍କର ପ୍ରାର୍ଥୀପତ୍ରକୁ ନାକଚ କରିଦିଆଯିବ ଓ ସେମାନେ ବୈଷୟିକ ଓ ସନ୍ତରଣ ପରୀକ୍ଷାରେ ଭାଗ ନେଇ ପାରିବେ ନାହିଁ ।

୬)ପ୍ରାର୍ଥୀ ଯେକୌଣସି ଗୋଟିଏ ଯଥା ଅସ୍ଥାୟୀ ଲଞ୍ଚଡ୍ରାଇଭର ଅଥବା ଅସ୍ଥାୟୀ ଖଲାସୀପଦବୀ ପାଇଁ ଆବେଦନ କରିପାରିବେ।

ନିଯୁକ୍ତି ପାଇଁ ଇଚ୍ଛୁକ ପ୍ରାର୍ଥୀ ଅସ୍ଥାୟୀପଦବୀ ପାଇଁ ଉପର ଲିଖିତ ପ୍ରମାଣ ପତ୍ର ଗୁଡିକର ନକଲ ସହ ଘୋଷଣାନାମା ଏବଂ ଦରଖାସ୍ତତା.**୧୯ .୦୬ .୨୦୨୩** ରିଖ ଅପରାହ୍ଣ **୫.୦୦** ଘଟିକା ସୁଦ୍ଧାରେଜିଷ୍ଟରଡ଼ ଅଥବା ସ୍ପିଡ ପୋଷ୍ଟ ମାଧ୍ୟମରେ, "ଜିଲ୍ଲାପାଳ, ମାଲକାନଗିରି " ଙ୍କ ଉଦ୍ଦେଶ୍ୟରେ "ଜିଲ୍ଲାଜରୁରୀ କାଳୀନ ବିଭାଗ, , ମାଲକାନଗିରି" ଠିକଣାରେ ପ୍ରେରଣକରିବେ। ଏହି ସମୟ ସୀମା ପରେ ହସ୍ତଗତ ହୋଇଥିବା କୌଣସି ଦରଖାସ୍ତ ଗ୍ରହଣକରାଯିବ ନାହିଁ, ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ହସ୍ତଗତ ହୋଇଥିବା ଦରଖାସ୍ତଗୁଡିକର ଆବେଦନକାରୀମାନଙ୍କ ନିମନ୍ତେ, ଚିତ୍ରକୋଣ୍ଡା ଡ୍ୟାମ ଠାରେ ତା. **୨୬ .୦୬ .୨୦୨୩** ରିଖରେ ପୂର୍ବାହ୍ନ **୮ .୦୦** ଘଟିକା ସମୟରେ ବୈଷୟିକ ପରୀକ୍ଷା ଓସନ୍ତରଣ ପରୀକ୍ଷାଅନୁଷ୍ଠିତକରାଯିବ। ଉପରୋକ୍ତ ପରୀକ୍ଷାରେ ଭାଗନେଇଥିବା ସମସ୍ତ ଆବେଦନକାରୀ ମାନଙ୍କର ତା. **୨୮.୦୬ .୨୦୨୩** ରିଖରେ ସାକ୍ଷାତକାର ଓ ପ୍ରମାଣ ପତ୍ର ଯାଞ୍ଚକାର୍ଯ୍ୟ ଜିଲ୍ଲା ଆପଦକାଳୀନ ପରିଚାଳନା କେନ୍ଦ୍ର, ମାଲକାନଗିରି ଠାରେ ପୂର୍ବାହ୍ନ **୧୦ .୦୦** ଘଟିକା ସମୟରେଅନୁଷ୍ଠିତହେବ।

ନିଯୁକ୍ତି ପ୍ରକ୍ରିୟାର ବିଭିନ୍ନଚରଣ, ଉପରୋକ୍ତ ସମୟଏବଂ ସ୍ଥାନରେ ଅନୁଷ୍ଠିତ ହେବ ଏବଂ ଏଥିନିମନ୍ତେ କୌଣସି ସ୍ୱତନ୍ତ୍ର ଅବଗତି ଦିଆଯିବ ନାହିଁ। ଏଥିରେ ଯଦି କୌଣସି ପରିବର୍ତ୍ତନ ଘଟେ ତେବେ ଅଗ୍ରୀମସୂଚନା ସାଧାରଣବିଜ୍ଞପ୍ତି ମାଧ୍ୟମରେ ଜଣାଇ ଦିଆଯିବ।

ଏହିନି ଯୁକ୍ତି ପ୍ରକ୍ରିୟାକୁ ଯେକୌଣସି ସମୟରେ କିମ୍ବା ଯେକୌଣସି ଅବସ୍ଥାରେ ଖାରଜ କରିଦେବାର ଅଧିକାର ନିମ୍ନ ସ୍ୱାକ୍ଷର କାରୀଙ୍କ ଦ୍ୱାରା ସଂରକ୍ଷିତ ।

ଏହିନିଯୁକ୍ତିସମ୍ବନ୍ଧିତସମସ୍ତସୂଚନା**www.malkangiri.nic.in**ରେଉପଲବ୍ଧ।

ଜିଲ୍ଲାପାଳଙ୍କ ଆଦେଶ କ୍ରମେ

**ଅତିରିକ୍ତ ଜିଲ୍ଲାପାଳ,ମାଲକାନଗିରି**

ପରିପତ୍ରସଂଖ୍ୟା ୨୨୦ /ତା. ୧୨.୧୨.୨୦୨୩

ଏହାର ଏକ କିତା ନକଲ ଜିଲ୍ଲାପାଳ ମାଲକାନଗିରିଙ୍କ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ସର୍ବସାଧାରଣଙ୍କ ଅବଗତିନିମନ୍ତେ ଜଣାଇ ଦିଆଗଲା।

ଅତିରିକ୍ତ ଜିଲ୍ଲାପାଳ,ମାଲକାନଗିରି

ପରିପତ୍ରସଂଖ୍ୟା ୨୨୧ /ତା. ୧୨.୧୨.୨୦୨୩

ଏହାରଏକକିତା ନକଲ ସମସ୍ତ ତହସିଲଦାର /ମଣ୍ଡଳ ଉନ୍ନୟନ ଅଧିକାରୀ/ ନିର୍ବାହୀ ଅଧିକାରୀ ମାଲକାନଗିରି ଓ ବାଲିମେଲା ପୌରସଂସ୍ଥାଙ୍କୁ ନୋଟିସ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଲଟକାଇବା ପାଇଁ ପ୍ରେରଣକ କରାଗଲା।

ଅତିରିକ୍ତ ଜିଲ୍ଲାପାଳ, ମାଲକାନଗିରି

ପରିପତ୍ରସଂଖ୍ୟା ୨୨୨ /ତା. ୨.୨.୨୦୨୩

ଏହାର ଏକକିତା ନକଲ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ, ମାଲକାନଗିରି ସର୍ବସାଧାରଣଙ୍କ ନୋଟିସ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଲଟକାଇବା ପାଇଁ ପ୍ରେରଣକ କରାଗଲା।

ଅତିରିକ୍ତ ଜିଲ୍ଲାପାଳ, ମାଲକାନଗିରି

ପରିପତ୍ରସଂଖ୍ୟା ୨୨୩ /ତା. ୨.୨.୨୦୨୩

ଏହାର ଏକକିତା ନକଲ ଉପଜିଲ୍ଲାପାଳ, ମାଲକାନଗିରି ସର୍ବସାଧାରଣଙ୍କ ନୋଟିସ ବୋର୍ଡରେ ଅବଗତି ନିମନ୍ତେ ଲଟକାଇବା ପାଇଁ ପ୍ରେରଣକ କରାଗଲା।

ଅତିରିକ୍ତ ଜିଲ୍ଲାପାଳ, ମାଲକାନଗିରି

ପରିପତ୍ରସଂଖ୍ୟା ୨୨୪ /ତା. ୨.୨.୨୦୨୩

ଏହାର ଏକକିତା ନକଲ ଆଞ୍ଚଳିକ ପରିବହନ ଅଧିକାରୀ, ମାଲକାନଗିରି ସର୍ବସାଧାରଣଙ୍କ ନୋଟିସ ବୋର୍ଡରେ ଅବଗତି ନିମନ୍ତେ ଲଟକାଇବା ପାଇଁ ପ୍ରେରଣକ କରାଗଲା।

ଅତିରିକ୍ତ ଜିଲ୍ଲାପାଳ, ମାଲକାନଗିରି

ପରିପତ୍ରସଂଖ୍ୟା ୨୨୫ /ତା. ୨.୨.୨୦୨୩

ଏହାର ଏକକିତା ନକଲ ଜିଲ୍ଲା କର୍ମନିଯୋଜନ କାର୍ଯ୍ୟାଳୟ, ମାଲକାନଗିରି ସର୍ବସାଧାରଣଙ୍କ ନୋଟିସ ବୋର୍ଡରେ ଅବଗତି ନିମନ୍ତେ ଲଟକାଇବା ପାଇଁ ପ୍ରେରଣକ କରାଗଲା।

ଅତିରିକ୍ତ ଜିଲ୍ଲାପାଳ, ମାଲକାନଗିରି

ପରିପତ୍ରସଂଖ୍ୟା ୨୬୦ /ତା. ୨.୨.୨୦୨୩

ଏହାର ଏକକିତା କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପୋଟେରୁ ସେଚନ ପରିଯୋଜନା, ମାଲକାନଗିରି ସର୍ବସାଧାରଣଙ୍କ ନୋଟିସ ବୋର୍ଡରେ ଅବଗତି ନିମନ୍ତେ ଲଟକାଇବା ପାଇଁ ପ୍ରେରଣକ କରାଗଲା।

ଅତିରିକ୍ତ ଜିଲ୍ଲାପାଳ, ମାଲକାନଗିରି

ପରିପତ୍ରସଂଖ୍ୟା ୨୬୧ /ତା. ୨.୨.୨୦୨୩

ଏହାର ନକଲ ଷ୍ଟେଟପୋର୍ଟ ଇଞ୍ଜିନିୟର, ଓଡ଼ିଶାଙ୍କୁ ଅବଗତି ନିମନ୍ତେ ଜଣାଇ ଦିଆଗଲା। ବୈଷୟିକ ପରୀକ୍ଷା ଓ ସାକ୍ଷାତ କାର ପରୀକ୍ଷା ସମୟରେ ଧାର୍ଯ୍ୟ ତାରିଖ ଓ ସ୍ଥାନ ରେଜିକେ କିମ୍ବା ନିଜର କ୍ଷମତା ପ୍ରାପ୍ତ ଅଧିକାରୀ ଉପସ୍ଥିତ ରହିବା ପାଇଁ ଅନୁରୋଧ କରାଗଲା।

ଅତିରିକ୍ତ ଜିଲ୍ଲାପାଳ, ମାଲକାନଗିରି

ପରିପତ୍ରସଂଖ୍ୟା ୨୬୨ /ତା. ୨.୨.୨୦୨୩

ଏହାର ନକଲ ସ୍ୱତନ୍ତ୍ର ରିଲିଫ କମିଶନର, ଓଡ଼ିଶାଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା।

ଅତିରିକ୍ତ ଜିଲ୍ଲାପାଳ, ମାଲକାନଗିରି

ପରିପତ୍ରସଂଖ୍ୟା ୨୬୩ /ତା. ୨.୨.୨୦୨୩

ଏହାର ନକଲ ଡି.ଆଇ.ଓ., ଏନ୍.ଆଇ.ସି. ମାଲକାନଗିରି କୁ ପ୍ରେରଣ କରାଯାଇ ଅନୁରୋଧ କରାଗଲା ଯେ, ସେ ଉକ୍ତ ନୋଟିସକୁ www.malkangiri.nic.inରେ ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ପ୍ରକାଶିତ କରିବେ।

ଅତିରିକ୍ତ ଜିଲ୍ଲାପାଳ, ମାଲକାନଗିରି